**ବିଭାବନାର ପୂଜାସଂଖ୍ୟା ଉନ୍ମୋଚିତ**

ଢେଙ୍କାନାଳ ଅଫିସ- ସାହିତ୍ୟ ପତ୍ରିକା ବିଭାବନାର ଚଳିତବର୍ଷ ପୂଜା ସଂଖ୍ୟାକୁ ଜିଲାପାଳ ସରୋଜ କୁମାର ସେଠୀ ସୋମବାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପତ୍ରିକାର ସମ୍ପାଦକ କବି ମନୋରଞ୍ଜନ ନନ୍ଦଙ୍କ ସମେତ ରଣଜିତ ବିଶ୍ୱାଳ ଉପସ୍ଥିତ ଥିଲେ। ଲେଖକମାନଙ୍କ ସୃଷ୍ଟିକୁ ସଫଳ ରୂପାୟନ କରିବାରେ ସାହିତ୍ୟ ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ଜଣେ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ,୧୨।୧୦:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତ ଜଣକ ଢେଙ୍କାନାଳ ପୌରାଞ୍ଚଳର। ଦିନକରେ ହୋଇଥିବା ୧୪୫୬ ଟେଷ୍ଟିଂକୁ ମିଶାଇ ଜିଲାରେ ଏଯାଏ ୪ ଲକ୍ଷ ୭୮ ହଜାର ୬୪୧ ଜଣଙ୍କ କରୋନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୧୯ ହଜାର ୮୧୨ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବାବେଳେ ଇତିମଧ୍ୟରେ ୧୯ ହଜାର ୫୫୮ ଜଣ ସୁସ୍ଥ ହୋଇ ସାରିଛନ୍ତି। ଦିନକରେ ୩ଜଣ ଜିଲାରୁ ସୁସ୍ଥ ହୋଇଥିବାବେଳେ ୧୧ ଜଣ ଏବେ ଚିକିତ୍ସାଧୀନ ରହିଛନ୍ତି। ସେହିପରି ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୨୪୩ ରହିଛି।

### କିଶୋରୀମାନଙ୍କ ମାର୍ଗଦର୍ଶନ

**ଭୁବନ,୧୨।୧୦(ଡି.ଏନ.ଏ):** ଢେଙ୍କାନାଳ ଜିଲା ଭୁବନ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବ୍ଲକ ପରିସରରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୬୦ଜଣ କିଶୋରୀ ସାମିଲ ହୋଇଥିଲେ। ଯୋଜନା ଦାୟିତ୍ୱରେ ଥିବା ସୁପରଭାଇଜର ନିର୍ମଳା ସେଠୀ, ସୋନାଲି ସାହୁ, ମୀନାକୁମାରୀ ସ୍ୱାଇଁ, ମାଧବୀ ଖୁଣ୍ଟିଆ, ଊର୍ମିଳା ନାୟକ, ଭାନୁମତୀ ମଲିକ, ଇନ୍ଦୁମତୀ ଦେଇ ଓ ଅଙ୍ଗନୱାଡି କର୍ମୀ ସୁନିତା କୁଅଁର କିଶୋରୀମାନଙ୍କୁ ଅଭିଯାନର ମାଗଦର୍ଶନ କରିଥିଲେ। ଯଶ୍ୱିନୀ ରାଉତଙ୍କୁ ଶ୍ରେଷ୍ଠ କିଶୋରୀ ଭାବେ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ମିନତି ସାହୁ ଧନ୍ୟବାଦ ଦେଇଥିଲେ।

### ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ,୧୨।୧୦:** ଢେଙ୍କାନାଳ ଜିଲାର ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସୋମବାର ସହରସ୍ଥିତ ବାଜିଚୌକଠାରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରିୟରଞ୍ଜନ ମାହନ୍ତ ଓ କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମାତୃପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ତିଲୋତ୍ତମା ଚୌଧୁରୀ, ସସ୍ମିତା ନାଥ, କୈଳାସଚନ୍ଦ୍ର ରାଉତ, ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ବାର୍ଷିକ ଧର୍ମ ମହାସଭା

**ଗଁନ୍ଦିଆ,୧୨।୧୦:** ଢେଙ୍କାନାଳ ଜିଲା ଯୋରନ୍ଦା ମହିମାଗାଦି କୌପିନଧାରୀ ମହିମା ସମାଜର ବାର୍ଷିକ ଧର୍ମ ମହାସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମ ମହାସଭା ଅଧ୍ୟକ୍ଷ ସାରଙ୍ଗ ଧର ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହାସଭାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାଧୁ, ଭକ୍ତମାନେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୌପିନଧାରୀ ମହିମା ସମାଜ ସଭାପତି ରଘୁନାଥ ବାବା, ସମ୍ପାଦକ ସୁଶାନ୍ତ ବାବା, କୋଷାଧ୍ୟକ୍ଷ ଅଭୟ ବାବା, ସହକୋଷାଧ୍ୟକ୍ଷ ଦେବରାଜ ବାବା, ବରିଷ୍ଠ ସନ୍ନ୍ୟାସୀ ବୀଣାକର ବାବା, କରୁଣାକର ବାବା, ବିଶେଶ୍ୱର ବାବା, କିଶୁଚରଣ ବାବା ପ୍ରମୁଖ ଦୁଇ ଶହରୁ ଊର୍ଦ୍ଧ୍ୱ ବରିଷ୍ଠ ସନ୍ନ୍ୟାସୀ ଉପସ୍ଥିତ ଥିଲେ।

### ଓଷ୍ଟା ନୂତନ କାର୍ଯ୍ୟକର୍ତ୍ତାଙ୍କ ବୈଠକ

**ଢେଙ୍କାନାଳ ଅଫିସ,୧୨।୧୦:** ଢେଙ୍କାନାଳ ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଏକ ବୈଠକ ସ୍ଥାନୀୟ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଏହି ବୈଠକରେ ଉପଦେଷ୍ଟା ସରୋଜକାନ୍ତ ଦାସ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଜିଲା ସମ୍ପାଦକ ବିଭୂତି ଭୂଷଣ ସାମଲ, ଉପସଭାପତି ଗୌରଚନ୍ଦ୍ର ବିଶ୍ୱାଳ, ସଦାନନ୍ଦ ସାହୁ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ ପ୍ରମୁଖ ନିଜ ନିଜର ମତ ରଖିଥିଲେ। ଆସନ୍ତା ୩୧ ତାରିଖରେ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜୟଶ୍ରୀ ମିଶ୍ର, ରେଣୁବାଳା ବେହେରା, ଗୀତାଞ୍ଜଳି ବରାଳ, ତୃପ୍ତିମୟୀ ସାହୁ, ଅକ୍ଷୟ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ନଜର ରଖିବେ ବିଡିଓ



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୧୨।୧୦**

**କୋଭିଡ୍ ସ୍ଥିତି ସମୀକ୍ଷା କଲେ ଜିଲାପାଳ**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲରେ ଜିଲାପାଳ ସରୋଜ କୁମାର ସେଠୀ ଜିଲାର କୋଭିଡ୍ ସ୍ଥିତି ଓ ପରିଚାଳନାର ସମୀକ୍ଷା କରିଛନ୍ତି। ଡିସେମ୍ବର ମାସ ଯାଏ କୋଭିଡ୍ କଟକଣା ଅନୁପାଳନ, ଯାଞ୍ଚ କଡାକଡି ଏବଂ ଲୋକମାନଙ୍କୁ ସଚେତନ କରିବାକୁ ବିଡିଓ ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଯେପରି ସମସ୍ତେ କୋଭିଡ୍ କଟକଣାମାନି ପୂଜା ଆୟୋଜନ କରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ପାର୍ବଣ ସମୟରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭୋଜିଭାତର ଆୟୋଜନ ନ କରିବା, ଖିଲାପି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତେ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ପୋଲିସ ଅଧିକାରୀମାନଙ୍କୁ ଜିଲାପାଳ କହିଛନ୍ତି। ଅଦ୍ୟାବଧି ଜିଲାରେ ୬ଲକ୍ଷ ୪୭ହଜାର ୩୪ଜଣ ପ୍ରଥମ ଡୋଜ୍ ଏବଂ ୧ଲକ୍ଷ ୯୪ହଜାର ୪୫ ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷଚନ୍ଦ୍ର ମହାପାତ୍ର ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଉପଜିଲାପାଳ ରବି ନାରାୟଣ ତ୍ରିପାଠୀ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ରାୟ, ଆପତକାଳୀନ ଅଧିକାରୀ ସ୍ନିଗ୍ଧା ଛାୟା ମହାପାତ୍ର, ଓସଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଏମ୍‌ଆର୍ ପକ୍ଷରୁ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜୀ ଲିମିଟେଡ୍(ଜିକେଇଏଲ୍) ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୭୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିକେଇଏଲ୍ ଓ ଜିଏମ୍‌ଆର୍ ଗ୍ରୁପ୍‌ର ସାମାଜିକ ଦାୟିତ୍ୱବୋଧ ବିଭାଗ ଏବଂ ଭରଲକ୍ଷ୍ମୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଜିକେଇଏଲ୍ ସିଓଓ ରମେଶ ଆର୍ ପାଇ ଓ ଅପରେଶନ ମେଣ୍ଟେନାନ୍ସ ବିଭାଗ ମୁଖ୍ୟ ମନୋଜ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଏମ୍‌ଆର୍ କର୍ମଚାରୀ, ଅଗ୍ନିଶମ କର୍ମଚାରୀ, ରକ୍ଷା ସିକ୍ୟୁରିଟି ଓ ଟ୍ରେନିଂ ଏକାଡେମୀର କର୍ମଚାରୀ ରକ୍ତଦାନ କରିଥିଲେ। ଜିଲା ବ୍ଲଡ୍ ବ୍ୟାଙ୍କ କର୍ମଚାରୀମାନେ ସହଯୋଗ କରିଥିଲେ।




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

### ପୋଲିସ ଅଟକ ଘଟଣାରେ ୩ ଗିରଫ

**ଗଁନ୍ଦିଆ,୧୨।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ରାଇତଳା ପଞ୍ଚାୟତ କୋକେଇଦା ଗ୍ରାମରେ ଥିବା କୁକୁଡ଼ାଫାର୍ମର ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀ ଓ ଫାର୍ମ କର୍ତ୍ତୃପକ୍ଷଙ୍କ ମଧ୍ୟରେ ରବିବାର ରାତିରେ ଗଣ୍ଡଗୋଳ ବେଳେ ସେଠାରେ ପହଞ୍ଚିଥିବା ଥାନାର ୫ କର୍ମଚାରୀଙ୍କୁ ଗ୍ରାମବାସୀ ୧୨ ଘଣ୍ଟା ଅଟକ ରଖିଥିଲେ। ଏହି ଘଟଣାରେ ପୋଲିସ ୩୪ ଜଣ ମହିଳା ଓ ପୁରୁଷଙ୍କ ନାମରେ ନିଜ ଆଡୁ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗ୍ରାମ ସଭାପତି ନିର୍ମଳ ପରିଡ଼ା, ହୃଦାନନ୍ଦ ବେହେରା ଓ ପ୍ରକାଶ ଲେଙ୍କା। ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଷ୍ଣୁଚରଣ ବାରିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମର କେତେଜଣଙ୍କ ନାମରେ ଫାର୍ମ ସୁପରଭାଇଜର ଅଭିଯୋଗ କରିଥିବାରୁ ଏହାର ପ୍ରତିବାଦରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଥାନାକୁ ଆସି ବିରୋଧ ପ୍ରଦର୍ଶନ କରିଥିବା ଖବର ମିଳିଛି।

# ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ଜିଲାରେ ଟାଟାପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସୋମବାର ଠାରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସେବାକୁ ଢେଙ୍କାନାଳ ମଣ୍ଡଳ ଅଫିସ ନିର୍ବାହୀଯନ୍ତ୍ରୀ ବିସ୍ମୟ ରଞ୍ଜନ ଦାସ ଲୋକାର୍ପିତ କରିଥିଲେ। ଦୁଇଦିନ ମଧ୍ୟରେ ଜିଲାର ପିଙ୍ଗୁଆ, ଖଣ୍ଡବନ୍ଧ, ଗୁଲେହି ସମେତ ଅନ୍ୟ ପଞ୍ଚାୟତରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଟିପିସିଓଡିଏଲ୍ ପକ୍ଷରୁ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ପ୍ରଦାନ କରିଥିଲେ।



ଶିବିରରେ ଉପସ୍ଥିତ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟମାନେ।

### ମହାବୀର କ୍ରିକେଟ୍ କ୍ଲବ ବିଜୟୀ

**ଗଁନ୍ଦିଆ,୧୨।୧୦**

ଗଁନ୍ଦିଆ ବ୍ଲକ ପିଙ୍ଗୁଆ ଉଚ୍ଚ ବିଦ୍ୟାଳୟ ପଡିଆରେ ଇନ୍ଦ୍ରମଣି ସାହୁ ସ୍ମାରକୀ ୩୭ତମ ପିଙ୍ଗୁଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚରେ ମଙ୍ଗଳବାର ମହାବୀର କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ଯାଜପୁର ଜିଲା ଅତା ଗ୍ରାମର ଜୁଭେନାଇଲ କ୍ରିକେଟ୍ କ୍ଲବ ଓ ମହାବୀର କ୍ରିକେଟ୍ କ୍ଲବ ସୋଲର ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ମହାବୀର କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୬୨ ରନ କରିଥିଲା। ଜବାବରେ ଜୁଭେନାଇଲ କ୍ରିକେଟ୍ କ୍ଲବ ୨୦୬ ରନ୍ କରି ପରାଜୟ ବରଣ କରିଥିଲା। ବାଦଲ କୁମାର ସାହୁ ଓ ଦୀପାଂଶୁ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଅନ୍ତର୍ଯାମୀ ବାରିକ ଓ ସନ୍ତୋଷ କୁମାର ଖୁଣ୍ଟିଆ ଧାରାବିବରଣୀ ଦେଇଥିଲେ।

### ଲୋହିଆଙ୍କ ଶ୍ରାଦ୍ଧ ଦିବସ

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ରଥଗଡାସ୍ଥିତ ଉତ୍କଳୁନା କାର୍ଯ୍ୟାଳୟରେ ମଙ୍ଗଳବାର ବିଶିଷ୍ଟ ସମାଜବାଦୀ ନେତା ଡ. ରାମ ମନୋହର ଲୋହିଆଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିବିଆଇର ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ ଶତପଥୀ ଯୋଗଦେଇ ଲୋହିଆଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜ ଶତପଥୀ, ଉତ୍କଳୁନା ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ଡମ୍ବରୁଧର ପଣ୍ଡା, ଦିଲୀପ ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୀତବାସ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୂର ପାଟସାହାଣୀ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



କଲ୍ୟାଣମଣ୍ଡପ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଛେଣ୍ଡିପଦା,୧୨।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଜରପଡ଼ା ଓ ଓଗୀ ଗ୍ରାମଠାରେ ମଙ୍ଗଳବାର ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଜରପଡା ଗ୍ରାମରେ ଫାଟକ ଓ କଲ୍ୟାଣ ମଣ୍ଡପ ଓ ଓଗୀ ଗ୍ରାମଠାରେ ଏକ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ଶରତ ଚନ୍ଦ୍ର ଗଡ଼ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ନାରାୟଣ ସାହୁ, ଜରପଡା ସରପଞ୍ଚ ଭାନୁପ୍ରୀୟା ପ୍ରଧାନ, ସମିତିସଭ୍ୟା କବିତା ବେହେରା, ରାକେଶ ନାଥ ପ୍ରମୁଖ ଯୋଗ ଦେଇଥିଲେ।

### ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା

**ସାତମାଇଲ,୧୨।୧୦(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ଅଧ୍ୟାପକ ଅରବିନ୍ଦ ସାହୁ, ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା, ସମୀରଣ ପ୍ରଧାନ ଉପସ୍ଥିତ ଥିଲେ।



ଅନୁଗୋଳ ସହର ବସ୍‌ଷ୍ଟାଣ୍ଡ ରାସ୍ତା ପାର୍ଶ୍ୱରେ ଥିବା ଏକ ବଡ଼ ଗଛ ମଙ୍ଗଳବାର ରାତିରେ ଉପୁଡ଼ି ପଡ଼ିବାରୁ କେତୋଟି ଦୋକାନ ଭାଙ୍ଗିଯାଇଛି।

# ସେବା ପହଞ୍ଚାଇବା ଉପରେ ଗୁରୁତ୍ୱ




ଜାତୀୟ ଡାକ ଦିବସ ପାଳନ ଅବସରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡିହ କଲ୍ୟାଣ ମଣ୍ଡପଠାରେ ଢେଙ୍କାନାଳ ଡାକ ମଣ୍ଡଳ ପକ୍ଷରୁ ସୋମବାର ଜାତୀୟ ଡାକ ସପ୍ତାହ ଅବସରରେ ବ୍ୟାଙ୍କିଙ୍ଗ୍ ଡେ ପାଳିତ ହୋଇଯାଇଛି। ସରପଞ୍ଚ ମୀନତୀ ରାଉତ ମୁଖ୍ୟ ଅତିଥି, ଗ୍ରାମ ସଭାପତି ପଦ୍ମଚରଣ ପାତ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡାକ ମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାସ ମୁଖ୍ୟବକ୍ତା ଏବଂ ଡାକ ନିରୀକ୍ଷକ ସମୀର ସାହୁ ପ୍ରମୁଖ ଯୋଗଦେଇ ବିଭାଗର ବିଭିନ୍ନ ସେବା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିରୀକ୍ଷକ ପୁରୁଷୋତ୍ତମ ସାହୁ ଧନ୍ୟବାଦ ଦେଇଥିବା ବେଳେ ଜନସମ୍ପର୍କ ନିରୀକ୍ଷକ ଦୀପ୍ତିରଞ୍ଜନ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଖୋଜଙ୍କ ଝୁଲନ୍ତା ମୃତଦେହ ଜବତ

**କାମାକ୍ଷାନଗର,୧୨।୧୦ (ଡି.ଏନ.ଏ.)**

**ଚାପା ଉତ୍ତେଜନା, ହତ୍ୟା ମାମଲା ରୁଜୁ**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା କନ୍ତିଓପୁଟସାହି ଟାଙ୍ଗାସାହିର ନିଖୋଜ ଯୁବକ ରାଜେଶ ବେହେରାଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଏକ ଗଛରୁ ପୋଲିସ ଜବତ କରିଛି। ରାଜେଶଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁଯାୟୀ, କଳ୍ପତରୁ ବେହେରାଙ୍କ ପୁଅ ରାଜେଶ ବେହେରା ଗତ ୭ ତାରିଖ ଠାରୁ ନିଖୋଜ ଥିଲେ। ଏ ସମ୍ପର୍କରେ ତୁମୁସିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ତେବେ ରାଜେଶଙ୍କ ମୃତଦେହ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଗଛରେ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ୨/୩ ଦିନ ପୂର୍ବରୁ ରାଜେଶଙ୍କ ମୃତ୍ୟୁ ହୋଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ଆଶିଷ କୁମାର ଜେନା କହିଛନ୍ତି, ରାଜେଶଙ୍କ ବାପାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣା ଉପରୁ ପରଦା ଉଠିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।








ଅନୁଗୋଳ ସହର ଶିମିଳିପଡ଼ା ପୂଜାମଣ୍ଡପରେ ମା’ ଦୁର୍ଗା।



ଢେଙ୍କାନାଳ ଜିଲା କାମାକ୍ଷାନଗର ଲକ୍ଷ୍ମୀବଜାର ମେଢ଼।



ପାଲଲହଡ଼ା ଉପଖଣ୍ଡ ଡ୍ରାଇଭର ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡସ୍ଥିତ ମେଢ଼।




## ସଂକ୍ଷେପରେ

### ୧୧୬ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ, ୧୨।୧୦:** ଛେଣ୍ଡିପଦା ବ୍ଲକ ବାଲିପଙ୍ଗା ଗ୍ରାମରେ ଗୋପବନ୍ଧୁ ଜୟନ୍ତୀ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଜନ କଲ୍ୟାଣ ସମିତି ଆନୁକୂଲ୍ୟରେ ଗ୍ରାମ କୋଠଘରେ ସଭାପତି ସୁଦୀପ ଗଡ଼ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ସମ୍ବଲପୁର ଏମ୍‌ପି ନିତିଶ ଗଙ୍ଗଦେବ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ସରପଞ୍ଚ ରାକେଶ କୁମାର ପ୍ରଧାନ ଓ ଗ୍ରାମ ସଭାପତି ମଦନ ମୋହନ ଗଡ଼ନାୟକ ଯୋଗଦେଇ ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଧାକର ଗଡ଼ନାୟକ, ରବିନାରାୟଣ ପ୍ରଧାନ, ବାନାମ୍ବର ପ୍ରଧାନ, ମାଧବ ଚନ୍ଦ୍ର ସାହୁ, ବିନୋଦ ସାହୁ, ଲିଟୁ ଗଡ଼ନାୟକ, ଖଗେଶ୍ୱର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ୧୧୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

### ସଚେତନତା ହିଁ ସୁସ୍ଥ ରଖିବ

**ଅନୁଗୋଳ ଅଫିସ, ୧୨।୧୦:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଚେତନତା ରଥକୁ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ଶୁଭାରମ୍ଭ କରିଥିଲେ। ଉପଯୁକ୍ତ ସଚେତନତା ଓ ସମୟୋଚିତ ପଦକ୍ଷେପ ଦ୍ୱାରା ମାନସିକ ଅସୁସ୍ଥତାକୁ ପ୍ରତିରୋଧ କରାଯାଇପାରିବ ବୋଲି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରା କହିଥିଲେ। ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ଓ ଔଷଧ ମୁଖ୍ୟ ଚିକିତ୍ସାଳୟରେ ବିନା ମୂଲ୍ୟରେ ଉପଲବ୍ଧ ବୋଲି ଡା. ବେହେରା କହିଥିଲେ।

### ସଙ୍ଗଠନ ମଜଭୁତ ପାଇଁ ପରାମର୍ଶ

**ବଇଣ୍ଡା,୧୨।୧୦(ଡି.ଏନ.ଏ.):** କିଶୋରନଗର ସଦର ମହକୁମାର ସାଧୁପାଳ ମନ୍ଦିର ନିକଟରେ ରବିବାର ଭାଜପାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ମନୋଜ ଦେହୁରୀ, ମନୀ ସାଗର ବେହେରା, ଜିଲା ପରିଷଦ ସଦସ୍ୟ ଅର୍ଜୁନ ପାଣ୍ଡେ, ସତ୍ୟ ନାରାୟଣ ପ୍ରଧାନ, ଚୈତନ୍ୟ ପ୍ରଧାନ, ରଞ୍ଜନ ସାହୁ, ଅମର ସାହୁ, ଭିକାରୀ ବାରିକଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ କିପରି ସଙ୍ଗଠନକୁ ମଜଭୁତ କରାଯିବ ସେ ନେଇ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହିତ କିଶୋରନଗରର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା।

### ଗ୍ରାମ ପରିକ୍ରମା କଲା ଶୋଭାଯାତ୍ରା

**ଛେଣ୍ଡିପଦା,୧୨।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସଞ୍ଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଆଦ୍ୟାଶା ନାୟକ ଅତିଥି ଭାବେ ଯୋଗଦେଇ ସମାଜରେ କନ୍ୟାମାନଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସଚେତନତା ରାଲି କୋଶଳା ଗ୍ରାମ ପରିକ୍ରମା କରିଥିଲା। ବିଏମ୍ ନିରାକାର ସାହୁ, ସୁପରଭାଇଜର ମହେଶ୍ୱର ସେଠୀ, ଶଲିଲ୍ ବାଳା ଆଚାର୍ଯ୍ୟ, ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସଂଗ୍ରାମୀଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ, ୧୨।୧୦:** ଅନୁଗୋଳ ଗାନ୍ଧୀ ପାର୍କ ଠାରେ ଶହୀଦ ବାଜି ରାଉତଙ୍କ ବଳିଦାନ ଦିବସ ସହ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନବ ମାଳତୀ ସ୍ମୃତି କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ନବଜୀବନ ମଣ୍ଡଳର ସମ୍ପାଦକ ମୁରଲୀ ଧର ମୂଳିଆ, ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁଶାନ୍ତ ତ୍ରିପାଠୀ, ବିଦ୍ୟାଧର ନାୟକ, ରଶ୍ମିରଞ୍ଜନ ସାହୁ ଓ ଆଦ୍ୟଶ୍ଳୋକ ମିଶ୍ର ଉପସ୍ଥିତ ଥିଲେ।

### ସାହିତ୍ୟ ସଂସଦ ବୈଠକ

**ଅନୁଗୋଳ ଅଫିସ, ୧୨।୧୦:** ଅନୁଗୋଳ ଗାନ୍ଧୀ ମାର୍ଗସ୍ଥିତ ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚେତନାଶ୍ରୀ ସାହିତ୍ୟ ସଂସଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବରିଷ୍ଠ ସାହିତ୍ୟିକ ସୀତାରାମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଗାମୀ ପତ୍ରିକା ପ୍ରକାଶନ ସମ୍ପର୍କରେ ପରିଚାଳନା କମିଟି ଏବଂ ସଦସ୍ୟା ସଦସ୍ୟମାନେ ଆଲୋଚନା କରିଥିଲେ। ସମ୍ପାଦିକା ଗୀତାମୟୀ ମହାପାତ୍ର ବିବରଣୀ ପାଠ କରିଥିଲେ। ଡ. ସଦାନନ୍ଦ ପରିଡା, କବିଜ୍ୟୋତି ନିରଞ୍ଜନ ପତି, ପ୍ରହ୍ଲାଦ ନାଏକ, ତ୍ରିନାଥ ଗଡ଼ନାୟକ, ଗିରିଜା ଭୂଷଣ ପଟ୍ଟନାୟକ, ଲକ୍ଷ୍ମୀଧର ନାୟକ, ପୁରୁଷୋତ୍ତମ ସିଂହସାମନ୍ତ, ଅରୁଣ କୁମାର ଗଡ଼ନାୟକ, ତ୍ରେତାନନ୍ଦ ସାମନ୍ତ, ମିଥୁନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ନାୟକ ଧନ୍ୟବାଦ ଦେଇଥିଲେ।

# ପୂଜା ଗହଳି ଜଗ



ପୂଜା ପାଇଁ ଅନୁଗୋଳ ବଜାରରେ ଗହଳି ଲାଗିଲାଣି।

**ଅନୁଗୋଳ ଅଫିସ, ୧୨।୧୦**

- ସବୁ ତହସିଲଦାରଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ
- ୮ ବ୍ଲକରେ କଡ଼ାକଡ଼ି ଯାଞ୍ଚ ହେବ କୋଭିଡ୍ କଟକଣା
- ପୌର, ଏନ୍‌ଏସି ନିର୍ବାହୀ ଅଧିକାରୀ ମଧ ନଜର ରଖିବେ

ମଣ୍ଡପରେ ଆରମ୍ଭ ହୋଇଛି ମା' ଜଗଜ୍ଜନନୀଙ୍କ ପୂଜା। କୋଭିଡ୍ ଗାଇଡ୍‌ଲାଇନ ମାନି ପୂଜା କମିଟି ଗୁଡ଼ିକ ମଣ୍ଡପକୁ ଆବଦ୍ଧ କରିଛନ୍ତି। କୌଣସି ଭକ୍ତଙ୍କୁ ଦର୍ଶନ ଅନୁମତି ନାହିଁ। ପୋଲିସ ଜଗିଥିବାରୁ ସେଠାରେ ଗହଳି ହେବାର ସେପରି ଆଶଙ୍କା ନାହିଁ। ହେଲେ ବଜାରରେ ଭିଡ଼ ନିୟନ୍ତ୍ରଣ କରା ନ ଗଲେ ଅନୁଗୋଳ ଜିଲାରେ ଆୟତ୍ତରେ ଥିବା କୋଭିଡ୍‌ସ୍ଥିତି ପୁଣି ଅଣାୟତ୍ତ ହୋଇପଡ଼ିବା ସମ୍ଭାବନା ରହିଛି। ତେଣୁ ଏହାକୁ ନଜରରେ ରଖି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପୂଜା ଗହଳି ଉପରେ ସତର୍କ ଦୃଷ୍ଟି ରଖାଯିବା ସହ କୋଭିଡ୍ କଟକଣା ଯେପରି ସବୁଠି କଡ଼ାକଡ଼ି ପାଳନ କରାଯିବ, ସେଥିପାଇଁ ସମସ୍ତ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ପୌର ଓ ଏନ୍‌ଏସି ଅଞ୍ଚଳରେ ନିର୍ବାହୀ ଅଧିକାରୀମାନେ କଟକଣା ଯାଞ୍ଚ କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଅନୁଗୋଳ ଜିଲାରେ ମହାମାରୀ କରୋନାର ପ୍ରାଦୁର୍ଭାବ ଏବେ ସେପରି ନାହିଁ। କିଛିଦିନ ହେଲା ଦୈନିକ ସଂକ୍ରମଣ ସଂଖ୍ୟାରେ ଆଖିଦୃଶିଆ ହ୍ରାସ ଦେଖିବାକୁ ମିଳୁଛି। କେଉଁଦିନ ଏହି ସଂଖ୍ୟା ଏକ ଅଙ୍କରେ ରହୁଛି ତ ଆଉ କେଉଁଦିନ ସଂକ୍ରମିତ ଚିହ୍ନଟ ହେଉନାହାନ୍ତି। ଏହା ପ୍ରଶାସନ ସହ ଜନସାଧାରଣଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରୁଛି। ହେଲେ ପାର୍ବଣ ସମୟ ହୋଇଥିବାରୁ ଓ ଆସନ୍ତା ୩ ଦିନ ପୂଜା ପାଳନ ହେବାକୁ ଯାଉଥିବାରୁ ଲୋକେ ଅମାନିଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷକରି ଯୁବଗୋଷ୍ଠୀ ଅଧିକ ସଂଖ୍ୟାରେ ବାହାରକୁ ଆସିପାରନ୍ତି। ଫଳରେ ବଜାରଗୁଡ଼ିକରେ ଭିଡ଼ ବଢ଼ିଯାଇପାରେ। ଏପରି ହେଲେ ଥମି ଯାଇଥିବା କୋଭିଡ୍ ସଂକ୍ରମଣ ପୁଣି ଉପରମୁହାଁ ହୋଇଯିବ। ତେଣୁ ରାସ୍ତା, ବଜାର ଆଦି ସମସ୍ତ ଜନଗହଳି ସ୍ଥାନରେ କୋଭିଡ୍ କଟକଣା କଡ଼ାକଡ଼ି ଯାଞ୍ଚ କରିବାକୁ ତହସିଲଦାର ଓ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ମଣ୍ଡପ ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି।

**ମହାମାରୀ ଭୟ ଦୂର ହୋଇନି**



"ଜିଲାର ସମସ୍ତ ତହସିଲଦାରଙ୍କୁ ନିଜ ଅଞ୍ଚଳରେ ଯାଞ୍ଚ କରିବାକୁ କୁହାଯାଇଛି। କୋଭିଡ୍ ଟିକା ନେଇଥିଲେ ମଧ ଲୋକମାନେ ମାସ୍କ ପରିଧାନ କରନ୍ତୁ। ମହାମାରୀ ଭୟ ଏଯାଏ ଦୂର ହୋଇ ନ ଥିବାରୁ ସମସ୍ତେ ସଚେତନ ଓ ସତର୍କ ରହିବା ଅତ୍ୟନ୍ତ ଜରୁରୀ।"

– ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

**ବ୍ୟତିକ୍ରମ ହେଲେ ସ୍ଥିତି ବିଗିଡ଼ିବ**



"ପାର୍ବଣ ଆରମ୍ଭ ହୋଇଥିବାରୁ ଜନଗହଳିପୂର୍ଣ୍ଣ ସ୍ଥାନରୁ ଲୋକମାନେ ଦୂରେଇ ରହିବା ଆବଶ୍ୟକ। ଏଥିରେ ବ୍ୟତିକ୍ରମ ହେଲେ ମହାମାରୀ ପୁଣି ଜିଲାକୁ କରାୟତ କରିନେବ। ଆଗାମୀ ଶୀତ ଋତୁରେ କୋଭିଡ୍ ସ୍ଥିତି ଭୟଙ୍କର ହେବା ଆଶଙ୍କା ରହିଛି।"

–ଡାକ୍ତର ଧନଞ୍ଜୟ ବେହେରା, ଏଡିଏମ୍‌ଓ ଜନସ୍ୱାସ୍ଥ୍ୟ, ଅନୁଗୋଳ

### ଅନୁଗୋଳରେ ୩ ସଂକ୍ରମିତ

**ଅନୁଗୋଳ,୧୨।୧୦:-** ଅନୁଗୋଳ ଜିଲାରୁ ମଙ୍ଗଳବାର ୩ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୯୫ରେ ପହଞ୍ଚିଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୨ଜଣ ଓ ପାଲଲହଡା ବ୍ଲକ୍ ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୩ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମେଡିକାଲ ସଫେଇ କଲେ କର୍ମକର୍ତ୍ତା



ବିଜେଡି କର୍ମକର୍ତ୍ତାମାନେ ସଫେଇ କାର୍ଯ୍ୟ କରୁଛନ୍ତି।

**ଅନୁଗୋଳ ଅଫିସ, ୧୨।୧୦**

ସେବା କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ପୌର ଓ ବିଜୁ ଯୁବ-ଛାତ୍ର ଜନତା ଦଳର ସଦସ୍ୟଙ୍କ ଦ୍ୱାରା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଓଡ଼ିଶା ମୋ ପରିବାର ସହ ସଂଯୋଜକ ପ୍ରିୟଦର୍ଶୀ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁଜିତ ଦ୍ୱିବେଦୀ, ଜିଲା ଯୁବ ବିଜେଡି ଉପସଭାପତି ସରୋଜ ନାଏକ, ଜିଲା ଯୁବ ବିଜେଡି ସମ୍ପାଦକ ଯୋଗେଶ ପ୍ରଧାନ, ପୌରପାଳିକା ଯୁବ ବିଜେଡି ସଭାପତି ବିଶ୍ୱରଞ୍ଜନ ସାହୁ, ପୌରପାଳିକା ଛାତ୍ର ବିଜେଡି ସଭାପତି ଦେବବ୍ରତ ନାଏକ, ବ୍ଲକ ଯୁବ ବିଜେଡି ସଭାପତି ରାକେଶ ନନ୍ଦ, ଅଜିତ ଦ୍ୱିବେଦୀଙ୍କ ସମେତ ଅଶୋକ ଖିଲାର, ସଞ୍ଜୀବ ପ୍ରଧାନ, ପିନାକୀ ସିଂହ, ଭବାନୀ ମିଶ୍ର, ସୁଶୀଲ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

**ତାଳଚେର,୧୨।୧୦(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତସ୍ଥିତ ମଝିକା ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ତାଳଚେର ଫର୍ଟିଲାଇଜର ପକ୍ଷରୁ ଉଚ୍ଚପଦସ୍ଥ ଅଧିକାରୀ ସ୍ୱାଧୀନତା ସଂଗ୍ରାମୀ ପ୍ରଧାନଙ୍କ ମଝିକାସ୍ଥିତ ବାସଭବନକୁ ଯାଇ ଉତ୍ତରୀୟ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ପ୍ରଧାନ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି କାରାବରଣ କରିଥିଲେ। ୧୦୩ ବର୍ଷରେ ପାଦ ଥାପିଥିବା ଏହି ଶତାୟୁ ସଂଗ୍ରାମୀ ପୂର୍ବରୁ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।



ସଂଗ୍ରାମୀ ବଂଶୀଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦୈନିକ କୋଇଲା ଡେସ୍‌ପାଚରେ ରେକର୍ଡ

**ତାଳଚେର,୧୨।୧୦(ନି.ପ୍ର.)**

କୋଲ୍ ଇଣ୍ଡିଆର ଏକ ଅଗ୍ରଣୀ ଅଂଶୀଦାର ଭାବେ ପରିଚିତ ମହାନଦୀ କୋଲ୍‌ଫିଲଡ୍ସ ଲିମିଟେଡ୍ (ଏମ୍‌ସିଏଲ୍) ଦୈନିକ କୋଇଲା ପ୍ରେରଣରେ ନୂଆ ରେକର୍ଡ ସ୍ଥାପନ କରିଛି। ଏମ୍‌ସିଏଲ୍ ପକ୍ଷରୁ ରବିବାର ୫.୩୪ ଲକ୍ଷ ଟନ୍ କୋଇଲା ଏହାର ଉପଭୋକ୍ତାମାନଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଏହି ସଫଳତା ପାଇଁ ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନା ପ୍ଲାନିଂ ଏବଂ ଅପରେଶନାଲ ଟିମ୍‌କୁ ପ୍ରଶଂସା କରିଛନ୍ତି।

ପ୍ରକାଶ ଯେ, ଏମ୍‌ସିଏଲ୍‌ର ତାଳଚେର ଓ ଇବ୍ ଭ୍ୟାଲି କୋଲ୍‌ଫିଲଡ୍ସରୁ ଦିନକରେ ୯୫ ର୍‍ୟାକ୍ କୋଇଲା ଉପଭୋକ୍ତାଙ୍କୁ ପଠାଯାଇଛି। ସେଥିରୁ ତାଳଚେର କୋଲ୍‌ଫିଲଡ୍ସରୁ ସର୍ବାଧିକ ୬୨ ର୍‍ୟାକ୍ ଓ ଏମ୍‌ଜିଆର୍ ସିଷ୍ଟମରେ ୨୩ ର୍‍ୟାକ୍ ପ୍ରେରଣ କରାଯାଇଛି। ଏଥିସହ ସଡ଼କପଥ ଯୋଗେ ୧.୪ ଲକ୍ଷ ଟନ୍ କୋଇଲା ପରିବହନ ହୋଇଛି। ସିଏମ୍‌ଡି ସିହ୍ନା କହିଛନ୍ତି, ଉପଭୋକ୍ତାମାନଙ୍କୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଏମ୍‌ସିଏଲ୍ ପକ୍ଷରୁ ଯୋଗାଇ ଦିଆଯିବ। ଚଳିତ ମାସରେ ଯୋଗାଣ ହୋଇଥିବା କୋଇଲା ମଧ୍ୟରୁ ୭୬.୬% ଶକ୍ତିକେନ୍ଦ୍ରମାନଙ୍କୁ ଓ ୨୦.୪% ଅଣ ଶକ୍ତି କେନ୍ଦ୍ରକୁ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷର ଅଦ୍ୟାବଧି ପ୍ରାୟ ୭୫ ମିଲିୟନ୍ ଟନ୍ କୋଇଲା ଏମ୍‌ସିଏଲ୍ ଉତ୍ପାଦନ କରିଥିବାବେଳେ ବିଭିନ୍ନ ଉପଭୋକ୍ତାଙ୍କୁ ୮୫ ମିଲିୟନ୍ ଟନ୍ ଯୋଗାଇ ଦିଆଯାଇଛି। କୋଭିଡ୍-୧୯ ଓ ବର୍ଷାଜନିତ ପ୍ରତିକୂଳ ପାଗ ଆଦି ବହୁ ପ୍ରତିବନ୍ଧକ ସତ୍ତ୍ୱେ ଏମ୍‌ସିଏଲ୍ ଡବଲ ଡିଜିଟ୍ ଗ୍ରୋଥ୍ ବିଗତ ୧ ବର୍ଷ ମଧ୍ୟରେ କରିପାରିଛି। ତନ୍ମଧ୍ୟରୁ କୋଇଲା ଉତ୍ପାଦନ କ୍ଷେତ୍ରରେ ୧୧% ଏବଂ ଡେସପାଚ୍ କ୍ଷେତ୍ରରେ ୨୦.୦୮% ହୋଇପାରିଛି। ଏମ୍‌ସିଏଲ୍ ପକ୍ଷରୁ ଚଳିତବର୍ଷ ଉତ୍ପାଦନ କ୍ଷେତ୍ରରେ ୧୬୩ ମିଲିୟନ ଟନ୍ ଓ ଡେସପାଚ୍ କ୍ଷେତ୍ରରେ ୧୮୨ ମିଲିୟନ୍ ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## 'କନ୍ୟାମାନେ କମ୍ ନୁହନ୍ତି'

### ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ

**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟାମାନେ ପୁଅମାନଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଝିଅ-ପୁଅ ମଧ୍ୟରେ ପାର୍ଥକ୍ୟ ନ ରଖି ସମସ୍ତଙ୍କୁ ସମାନ ଅଧିକାର, ସମ୍ମାନ ଓ ସୁଯୋଗ ଦେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପୂର୍ବତନ ନଗରପାଳ ସୁକାନ୍ତୀ ଦାସ, ପିସିଆଣ୍ଡପିଏନ୍‌ଡିଟିର ସହପରିଚାଳକ ପର୍ଶୁରାମ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିପିଏମ୍ ବିଶ୍ୱରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପରିସରରେ ସଦର ବ୍ଲକର ୫୦ଜଣ ଭିନ୍ନକ୍ଷମ ଓ ୨୦ଜଣ କିନ୍ନରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାସ ଓ ଔରା ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ପ୍ରକଳ୍ପ ଅଧିକାରୀ ଗୋଲକ ବିହାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ ନାଏକଙ୍କୁ ୩ଚକିଆ ସାଇକେଲ ଓ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଦୁଇଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ସେହିପରି ଅସ୍ଥିଶଲ୍ୟ, ଶ୍ରବଣ, ଦୃଷ୍ଟିବାଧିକ, ମାନସିକ ଅନଗ୍ରସର ଏବଂ କିନ୍ନରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ସଙ୍ଗୀତା ପ୍ରିୟଦର୍ଶିନୀ, ବିବେକ କୁମାର ନାୟକ, ସମାପ୍ତିକା ପ୍ରବିଣା ଦାସ, ମନିସା ସିଂହ, ସୁଶ୍ରୀ ନନ୍ଦ, ସୌମ୍ୟା ମିଶ୍ର, ଅଭିଜିତ ଅଭିନନ୍ଦନ ଓ ସୁଚିସ୍ମିତା ସେନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଜଣେ ଭିନ୍ନକ୍ଷମଙ୍କୁ ଜିଲାପାଳ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

## କନ୍ୟା ସନ୍ତାନଙ୍କ ସମ୍ପର୍କରେ ଆଲୋଚନା

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ଜିଲାରେ ୟୁଏନ୍‌ଏଫ୍‌ପିଏ, ପ୍ରେମ୍ ଫାଉଣ୍ଡେଶନ ଏବଂ ଶୋଭା ଅନୁଷ୍ଠାନ ଦ୍ୱାରା ମହିଳା ଓ ବାଳିକା ସହାୟକ ପଞ୍ଚାୟତ ପ୍ରକଳ୍ପ ଆନୁକୂଲ୍ୟରେ ସୋମବାର କନ୍ୟାସନ୍ତାନ ଦିବସ ପାଳିତ ହୋଇଯାଇଛି। କଙ୍କଡାହାଡ ବ୍ଲକ କାନ୍ତୋଲ ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ବୁଲବୁଲ ବେହେରା ମୁଖ୍ୟଅତିଥି, ଶୋଭା ଅନୁଷ୍ଠାନ ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, କାନ୍ତୋଲ ସରପଞ୍ଚ ପାହାନ୍ତି ପାତ୍ର, ଝିଲି ସରପଞ୍ଚ ସୁଶାନ୍ତ ସାହୁ, ଜୀବିକା ମିଶନର ଅଜୟ କୁମାର ସାହୁ, ଆଇନା ଅନୁଷ୍ଠାନ କାର୍ଯ୍ୟକ୍ରମ ମୁଖ୍ୟ ଅନୁପମା ଶ୍ରୀରଙ୍ଗମ ଓ ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ, ଯୌତୁକ ପ୍ରଥା, ଝିଅପୁଅ ମଧ୍ୟରେ ଭେଦଭାବ, ଲିଙ୍ଗ ନିରୂପଣ ଓ କନ୍ୟା ସନ୍ତାନଙ୍କ ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି, ଆଶା, କୃଷି ମିତ୍ର, ଏମ୍‌ବିକେ ପ୍ରମୁଖ ଯୋଗ ଦେଇଥିଲେ।




କଙ୍କଡାହାଡ ବ୍ଲକ ପରିସରରେ କନ୍ୟା ସନ୍ତାନ ଦିବସ ପାଳନ କରାଯାଉଛି।

କଙ୍କଡାହାଡ ପ୍ରକଳ୍ପ ସଂଯୋଜକ ରବି ନାରାୟଣ ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ପରଜଙ୍ଗ ବ୍ଲକ ବଡଝରା ପ୍ରାଥମିକ ବିଦ୍ୟାଳୟରେ କନ୍ୟା ଦିବସ ପାଳିତ ହୋଇଥିଲା। ଏଥିରେ ବାଳିକାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା କରାଯାଇଥିଲା। ଗଁଦିଆ ବ୍ଲକ କରମୁଳ ପଞ୍ଚାୟତ ସଭା ଗୃହ ପରିସରରେ ବାଳିକା ଦିବସ ପାଳନ କରାଯାଇଥିଲା। ଜିଲା ପରିଷଦ ସଦସ୍ୟା ମମତା ସ୍ୱାଇଁ, ସିଡିପିଓ ଉର୍ମିଳା ଦେହୁରୀ, ଏବିଇଓ ସଂସାରୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସଂଯୋଜିକା ଶୁଭଶ୍ରୀ ପାଇଟଳ ପରିଚାଳନା କରିଥିଲେ। ହିନ୍ଦୋଳ ବ୍ଲକ ଓ ସମନ୍ୱିତ ଶିଶୁ ପ୍ରକଳ୍ପର ମିଳିତ ସହଯୋଗରେ ପଞ୍ଚାୟତ ସମିତି ଗୃହ ପରିସରରେ କନ୍ୟା ଦିବସ ପାଳିତ ହୋଇଥିଲା। ସିଡିପିଓ ହରପ୍ରିୟା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସଂଯୋଜିକା ଭାଗ୍ୟଶ୍ରୀ ମହାନ୍ତି ପରିଚାଳନା କରିଥିଲେ।

### ୨ ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୨।୧୦(ଡି.ଏନ.ଏ.)**

ଠାକୁରଗଡ ଥାନା ଟାପଢୋଲ ଗ୍ରାମର ମହିଳା ଗୋଷ୍ଠୀର ଏମ୍‌ବିକେ ମମତା ବେହେରାଙ୍କୁ ସେହି ଗ୍ରାମର ଦିଲୀପ କୁମାର ସାହୁ ସୋମବାର ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଥାନାରେ ମମତା ଅଭିଯୋଗ କରିଛନ୍ତି। ସେ ଘରେ ଥିବାବେଳେ ଦିଲୀପ ପହଞ୍ଚି ଭୋଟର ପରିଚୟ ପତ୍ର ମାଗିଥିଲେ। ପରିଚୟ ପତ୍ର ନ ଦେବାରୁ ଦିଲୀପ ଉତ୍ତକ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନଂ. ୨୬୩/୨୧ ରେ ଏକ ମାମଲା ରୁଜୁ କରିଛି। ସେହିପରି କୁତୁଲିସିଙ୍ଗା ଗ୍ରାମ ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ଲକ୍ଷ୍ମୀ ସାହୁଙ୍କୁ ସେହି ଗ୍ରାମର ଶଙ୍କର ନାୟକ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୨୬୪/୨୧ରେ ଏକ ମାମଲା ରୁଜୁ କରିଛି।

### ବିଜେଡି ପକ୍ଷରୁ ସାଙ୍ଗଠନିକ ସଭା

**କଣିହାଁ,୧୨।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ବିଜେଡି ପକ୍ଷରୁ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ଯୁଗଳ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ସଭାପତି କୈଳାସଚନ୍ଦ୍ର ସାହୁ ଯୋଗଦେଇ ଆଗାମୀ ଦିନରେ ତୃଣମୂଳସ୍ତରରୁ ଦଳକୁ କିପରି ମଜଭୁତ କରାଯିବ ସେ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପର୍ଯ୍ୟବେକ୍ଷକ ବଂଶୀଧର ସାହୁ, ସହ ପର୍ଯ୍ୟବେକ୍ଷକ ବିଷ୍ଣୁଚରଣ ସାହୁ, ୮ ନମ୍ବର ଜୋନ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳ, ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ତପନ ବେହେରା, ନୃସିଂହଚରଣ ସାହୁ ଉପସ୍ଥିତ ଥିଲେ।

### ଜଳିଗଲା ୪ ବଖରା

**କଣିହାଁ,୧୨।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ସାନତ୍ରିବିଡା ଗ୍ରାମ ଦେହୁରିତଳି ସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ମଥୁରା ସାହୁଙ୍କ ୪ ବଖରା ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ ବେହେରା ପ୍ରକାଶ କରିଛନ୍ତି। ସରପଞ୍ଚ ବାବୁଲା ସେଠୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।

### ତାଳଚେରରେ ଦୁର୍ଗାପୂଜା

**ତାଳଚେର,୧୨।୧୦(ନି.ପ୍ର)**

କୋଇଲାନଗରୀ ତାଳଚେରରେ କୋଭିଡ କଟକଣା ମଧ୍ୟରେ ଦୁର୍ଗାପୂଜା ପାଳିତ ହେଉଛି। ସୋମବାର ପୂଜା ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା ସମାପନ ହୋଇଥିବାବେଳେ ମଙ୍ଗଳବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ମଣ୍ଡପର ଚତୁଃପାର୍ଶ୍ୱକୁ କପଡ଼ା ଦ୍ୱାରା ଆବଦ୍ଧ କରାଯାଇଛି। ଚଳିତ ବର୍ଷ ତାଳଚେରରେ ମୋଟ୍ ୧୧ଟି ମେଢରେ ମା' ଆଦିଶକ୍ତି ପୂଜା କରାଯାଉଛି। ଏମ୍‌ସିଏଲର ବଳରାମ, ହିଙ୍ଗୁଳା, ଭରତପୁର, ଜଗନ୍ନାଥ, ଅନନ୍ତ, ଲିଙ୍ଗରାଜ, ନନ୍ଦିରା, ତାଳଚେର କଲୀୟାରୀ, ସାଉଥବଲଣ୍ଡା, ଡେରା ଆଦି ମଣ୍ଡପରେ ମା' ଦଶଭୂଜାଙ୍କ ପୂଜା ପାରମ୍ପରିକ ବିଧିବିଧାନ ଅନୁଯାୟୀ ପାଳନ କରାଯାଉଛି। ଆସନ୍ତା ଶନିବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମା' ହିଙ୍ଗୁଳାଙ୍କ ପୀଠରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି।

### ରାଜପଥ ସମ୍ପ୍ରସାରଣ ସମ୍ପର୍କିତ ଚିଠିକୁ ସ୍ୱାଗତ

**ବଇଣ୍ଡା,୧୨।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଛକରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଗତ ୮ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହାକୁ ବଇଣ୍ଡା ଗ୍ରାମବାସୀ ମଙ୍ଗଳବାର ସ୍ୱାଗତ କରିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅକ୍ଟୋବର ୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଦିନିକିଆ କିଶୋରନଗର ବ୍ଲକ ଗସ୍ତରେ ଆସିଥିବା ବେଳେ ଗ୍ରାମବାସୀ ରାଜପଥ ସମ୍ପ୍ରସାରଣ ସମ୍ପର୍କିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ବଇଣ୍ଡା ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବାରୁ ବଇଣ୍ଡା ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଭଗବାନ ଘିଓ୍ୱାଲା, ନରେନ୍ଦ୍ର ବେହେରା, ବିଚିତ୍ରା ନନ୍ଦ ସାହୁ, ବୈଜୟନ୍ତ ପ୍ରଧାନ, ବୀରଞ୍ଚି ସେଠୀ, ଭଗବାନ ପ୍ରଧାନ, ଭାଜପା ନେତା ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

